## ସଂକ୍ଷେପରେ

### ଧାର ଟଙ୍କା ଫେରାଇବାକୁ ଧମକ, ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ଧାର ଟଙ୍କା ଫେରାଇବାକୁ ଧମକ ମିଳୁଥିବାରୁ ଜଣେ ଯୁବକ ଆତ୍ମହତ୍ୟା କରିଥିଲେ। ଏନେଇ ସଦର ଥାନାରେ ମୃତକଙ୍କ ଭାଇଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଙ୍କୁଶପୁର ବଡ଼ସାହିର ଜିତେନ୍ଦ୍ର କୁମାର ବିଷୋୟୀ ତାଙ୍କ ଗାଁର ଜଣଙ୍କ ଠାରୁ କିଛି ଟଙ୍କା ଧାର ଆଣି ଏକ ବ୍ୟବସାୟ କରୁଥିଲେ। ଟଙ୍କା ଶୁଝି ନ ପାରିବାରୁ ଜିତେନ୍ଦ୍ରଙ୍କ ସ୍କୁଟିକୁ ବ୍ୟକ୍ତି ଜଣଙ୍କ ଛଡ଼େଇ ରଖି ଧମକ ଦେଇଥିଲେ। ତେଣୁ ଜିତେନ୍ଦ୍ର ମା'ଙ୍କ ଠାରୁ ୧୫ହଜାର ଟଙ୍କା ନେଇ ସ୍କୁଟି ଗାଡ଼ିକୁ ମୁକୁଳାଇ ଆଣିଥିଲେ। ପରେ ଅବଶିଷ୍ଟ ଟଙ୍କା ଦେଇଦେବେ ବୋଲି କହିଥିଲେ। ଗତ ଡିସେମ୍ବର ୧ ତାରିଖରେ ଆଙ୍କୁଶପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟକ୍ତି ଜଣଙ୍କ ଜିତେନ୍ଦ୍ରଙ୍କୁ ଅଟକାଇ ଧମକ ଦେଇ ଗାଡ଼ି ଡିକିରେ ଥିବା କାଗଜପତ୍ର ଓ ଘର ପଟ୍ଟା ଛଡ଼େଇ ନେଇଥିଲେ। ବାକି ଥିବା ଟଙ୍କା ପରିଶୋଧ କଲାପରେ ଯାଇ ତାହା ଫେରାଇବେ ବୋଲି କହିଥିଲେ। ଏଥିରେ ଜିତେନ୍ଦ୍ର ଚିନ୍ତାଗ୍ରସ୍ତ ହୋଇ ଘଟଣା ପରଦିନ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ଧର୍ମେନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ନଂ.୧୦୬/୨୪ରେ ମାମଲା ରୁଜୁ ହୋଇଛି।

### ବିଦ୍ୟୁତ ଆଘାତରେ ମହିଳା ମୃତ

ସୋରଡା,୨୫।୨( ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ବ୍ଲକ ଗେଞ୍ଜା ଗ୍ରାମରେ ରବିବାର ସନ୍ଧ୍ୟାରେ ଗାନ୍ଧୁ ଗଉଡଙ୍କ ସ୍ତ୍ରୀ ସଞ୍ଜୁ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସଞ୍ଜୁ ଘରେ ଲାଗିଥିବା ପାଣି ମୋଟର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସୋରଡା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମେଡିକାଲରେ ପହଞ୍ଚି ପରିବାର ଲୋକଙ୍କୁ ଆଶ୍ୱାସନା ଦେବାସହ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇଁ କହିଥିଲେ।

### ପାସେଞ୍ଜର ଟ୍ରେନ୍ ଟିକେଟ ମୂଲ୍ୟ ହ୍ରାସ ପାଇଁ କୃତଜ୍ଞତା

ବ୍ରହ୍ମପୁର,୨୫।୨(ସ୍ମୃତି ରଞ୍ଜନ ମହାଲିକ)

କରୋନା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବା ପରେ ପାସେଞ୍ଜର ଓ ମେମୁ ଟ୍ରେନ ଟିକେଟ ମୂଲ୍ୟ ୨ ଗୁଣ ବୃଦ୍ଧି ପାଇଥିଲା। ଏହାକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଥିଲା। ତେବେ କେନ୍ଦ୍ର ସରକାର ଏହି ବର୍ଦ୍ଧିତ ମୂଲ୍ୟ ପ୍ରତ୍ୟାହାର କରିଥିବାରୁ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବର୍ତ୍ତମାନ ବ୍ରହ୍ମପୁରରୁ ଭୁବନେଶ୍ୱର ପାସେଞ୍ଜର ଓ ମେମୁ ଟ୍ରେନ୍ ଟିକେଟ ମୂଲ୍ୟ ୭୦ ଟଙ୍କାରୁ ହ୍ରାସ ପାଇ ପୂର୍ବ ଭଳି ୪୦ ଟଙ୍କା ରହିଛି। ଏ ନେଇ ରବିବାର ମଞ୍ଚ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେଶନ ସମ୍ମୁଖରେ ଯାତ୍ରୀଙ୍କୁ ଟିକେଟ ମୂଲ୍ୟ ହ୍ରାସ ପାଇଥିବା ସମ୍ପର୍କରେ ସଚେତନ କରାଯାଇଛି। ଏଥିସହ ବ୍ରହ୍ମପୁର ରେଳ ଷ୍ଟେସନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ କୃତଜ୍ଞତା ଜଣାଯାଇଛି। ମଞ୍ଚର ସଭାପତି ତ୍ରିନାଥ ମହାରଣା, ଉପସଭାପତି ପ୍ରମୋଦ କୁମାର ସାହୁ, ସଂଯୋଜକ ମୋହନ ଚରଣ ସ୍ୱାଇଁଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଷ୍ଟେଶନରେ ଉପସ୍ଥିତ ଥିଲେ।

# ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମନ୍ୱୟ ସମିତିର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୫।୨(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ଅଣଗେଜେଟଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରବିବାର ସଂସ୍କୃତି ଭବନ ପରିସରରେ ଚର୍ତୁଦ୍ଦଶ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ସମିତି ଉପସଭାପତି ଲକ୍ଷ୍ମୀ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମିତିର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସମନ୍ୱୟ ସମିତିର ପୂର୍ବତନ ସାଧାରଣ ସଂପାଦକ ବ୍ରଜକିଶୋର ନନ୍ଦ ଓ ଅନ୍ୟତମ ବକ୍ତା ରୂପେ ଓଡିଶା ଅମଲା ସଂଘର ସାଧାରଣ ସଂପାଦକ ନରସିଂହ ଆଚାରୀ ଯୋଗ ଦେଇଥିଲେ। ସମ୍ମିଳନୀରେ ସମିତିର ବିଭିନ୍ନ ଦାବି ସଂପର୍କରେ ଆଲୋଚନା ହୋଇଥିଲା। ଦାବି ଗୁଡିକ ମଧ୍ୟରେ ପୁରୁଣା ପେନସନ ଲାଗୁ, ୭ମ କମିଶନ ଅନୁଯାୟୀ କେନ୍ଦ୍ରୀୟ ହାରରେ ଘର ଭଡା, ପ୍ରାଦେଶିକ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା, ଉଚ୍ଚ କ୍ଷମତା ସଂପନ୍ନ କମିଟି ଓ ଷ୍ଟାଣ୍ଡିଂ କମିଟି କାର୍ଯ୍ୟକାରୀ ପାଇଁ ଦାବି ହୋଇଥିଲା। ସମିତିର ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମିତିର ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ସଭାପତି ରୂପେ ନାରାୟଣ ଦାସ, ସାଧାରଣ ସଂପାଦକ ରବିନ୍ଦ୍ର ନାଥ ପ୍ରଧାନ ଓ ଅଧ୍ୟକ୍ଷ ରୂପେ ସୁନନ୍ଦ କାନୁନଗୋ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିରଣ କୁମାର ପାଢି, ରାମଚନ୍ଦ୍ର ନାୟକ, ପର୍ଶୁରାମ ପାତ୍ରଙ୍କ ସମେତ ସମିତିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଡା.ସତ୍ୟସ୍ୱରୂପ ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇବେ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ପିଜି ଟପ୍ପର ଡା.ସତ୍ୟ ସ୍ୱରୂପ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ପାଇବେ। ରବିବାର ବିଭାଗୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ବିଭାଗ ମୁଖ୍ୟ ପ୍ରଫେସର ଡା.ଶିବ ପ୍ରସାଦ ଦାଶ ଏହି ସୂଚନା ଦେଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ପଦକ ପ୍ରଦାନ କରିବେ। ସେ କହିଛନ୍ତି, ଏହା ଏମେକେସିଜି ମେଡିକାଲ କଲେଜ ଏବଂ ବିଶେଷ କରି ସର୍ଜରୀ ବିଭାଗ ପାଇଁ ଗୌରବ। ପିଜି ଛାତ୍ରଛାତ୍ରୀ ମାନେ ପରିଶ୍ରମ କରି ରୋଗୀ ଚିକିତ୍ସା ସହ ନୂଆ ଗବେଷଣା ଓ ସନ୍ଦର୍ଭ ପ୍ରସ୍ତୁତ କରୁଛନ୍ତି। ଡାକ୍ତର ସତ୍ୟ ସମସ୍ତ ଡାକ୍ତରଙ୍କ ପାଇଁ ପ୍ରେରଣା ହେବେ। ଡା. ସତ୍ୟ ଏମକେସିଜିରେ ସିନିୟର ରେସିଡେଣ୍ଟ ଭାବେ କାର୍ଯ୍ୟରତ। ସେ କହିଛନ୍ତି, ପିଜି ପାଠ ପଢ଼ା ସମୟରେ ଏକାଡେମିକ ସହ ପ୍ରାକ୍ଟିକାଲ୍ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏମକେସିଜି ସର୍ଜରୀ ବିଭାଗରେ ଏବେ ରୋଗୀଙ୍କୁ ସେବା ଯୋଗାଇବାକୁ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି। ବହୁ ବଡ଼ ବଡ଼ ଅସ୍ତ୍ରୋପଚାର ମାଗଣାରେ ହୋଇପାରୁଛି। ଯାହାଫଳରେ ବିଦ୍ୟାର୍ଥୀମାନେ ବହୁ ଜଟିଳ ଅସ୍ତ୍ରୋପଚାର ଶିଖି ପାରୁଛନ୍ତି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପ୍ରଫେସର ଶିବ ପଟ୍ଟନାୟକ ଓ ମନୋଜ ସେଠୀ, ଆସୋସିଏଟ୍ ପ୍ରଫେସର ସୁଧାଂଶୁ ଶେଖର ମହାନ୍ତି, ଡା.ଆଇ ଗୋପାଲ, ଡା.ଅମ୍ବୁଜା ଶତପଥି, ମାନସ କୁମାର ବେହେରା, ଆସିଷ୍ଟାଣ୍ଟ ପ୍ରଫେସର ସଂଜୀବ କୁମାର ପ୍ରଧାନ ଉପସ୍ଥିତ ରହି ବିଭାଗରେ ଦିଆଯାଉଥିବା ବିଭିନ୍ନ ସେବା ଉପରେ କହିଥିଲେ।

# ଅବସର ବୟସ ୬୨ ବର୍ଷକୁ ବଢ଼ାଯାଉ

## ଜିଲା ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଦାବି


ଉପସ୍ଥିତ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ କର୍ମକର୍ତ୍ତା।

ବ୍ରହ୍ମପୁର,୨୫।୨(ନରସିଂହ ସାହୁ)

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଗଞ୍ଜାମ ଜିଲା ସମ୍ମିଳନୀ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ସପ୍ତମ ବେତନ କମିଶନ ସୁପାରିଶ ପ୍ରକାରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବର୍ଦ୍ଧିତ ହାରରେ ଘରଭଡ଼ା ଦେବାକୁ ପ୍ରସ୍ତାବ ଦିଆଯାଇଛି। ଜିଲା ସଭାପତି ତ୍ରିନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକରେ ସମ୍ପାଦକ ଏ. ସୁନିଲ କୁମାର ବେହେରା ପ୍ରାରମ୍ଭରେ ବିବରଣୀ ପାଠ କରିଥିଲେ। ଛତ୍ରପୁର ଶାଖା ସଂଘ ସଭାପତି ପ୍ରମୋଦ ଚନ୍ଦ୍ର ଦାସ ଓ ସମ୍ପାଦକ ମନୋଜ କୁମାର ସାହୁ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଗୃହୀତ ଅନ୍ୟ ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ସରକାର ପୁରୁଣା ପେନସନ ଲାଗୁ କରିବା, ଖାଲି ପଡ଼ିଥିବା ୪ର୍ଥ ଶ୍ରେଣୀ ପଦବୀ ପୂରଣ, ମୂଳ ଦରମା ୧୮ ହଜାର ଟଙ୍କା ଧାର୍ଯ୍ୟ କରିବା ଆଦି ଦାବି କରାଯାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପ୍ରଫେସନାଲ (ବୃତ୍ତିଗତ) ଟ୍ୟାକ୍ସ ଛାଡ଼ କରାଯିବାକୁ ଦାବି ହୋଇଛି।

ସମ୍ମିଳନୀକୁ ଜିଲାର ବିଭିନ୍ନ ସ୍ଥାନରୁ ଅନେକ କର୍ମକର୍ତ୍ତା ସଦସ୍ୟ ଆସିଥିଲେ। ଆଲୋଚନାରେ ସୋମନାଥ ଦାସ, କୃଷ୍ଣଚନ୍ଦ୍ର ବେହେରା, ବିନୋଦ ପଟ୍ଟନାୟକ, ପିତାମ୍ବର ତରାସିଆ, ମୋହନ ରାଓ, ସୁରେନ୍ଦ୍ର ପ୍ରଧାନ, ରାମକୃଷ୍ଣ ପାଣିଗ୍ରାହି, ସୁବାସ ପ୍ରଧାନ, ଗଣେଶ ନାୟକ ଓ ବିଶ୍ୱନାଥ ନାୟକ ପ୍ରମୁଖ ଭାଗ ନେଇଥିଲେ।

### ମଣ୍ଡଳସ୍ତରରେ ଭାଜପାର ବୁଥ୍ ଚାଲ ଅଭିଯାନ

ବ୍ରହ୍ମପୁର,୨୫।୨(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଖାତା ଖୋଲିବାକୁ ଭାଜପା ପଦଯାତ୍ରା ମାଧ୍ୟମରେ ଭୋଟରଙ୍କ ନିକଟତର ହେଉଛି। ଆସନ୍ତା ନିର୍ବାଚନରେ ଏହି ଆସନ ଦଖଲ କରିବାକୁ ଭାଜପା ବିଭିନ୍ନ ମଣ୍ଡଳ ସ୍ତରରେ ପ୍ରଚାର ଅଭିଯାନକୁ ଜୋରଦାର କରୁଛି। ମହାନଗରରେ ୮ଟି ମଣ୍ଡଳ ଗଠନ ହୋଇଛି। ରବିବାର ଗେଟ ବଜାର ମଣ୍ଡଳର ୩ଟି ୱାର୍ଡରେ ବୁଥ୍ ଚାଲ ଅଭିଯାନ ସହ ମୋଦୀ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଓ କେନ୍ଦ୍ରୀୟ ଜନ କଲ୍ୟାଣ କାର୍ଯ୍ୟରେ ପ୍ରଚାର କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଅଭିଯାନର ନେତୃତ୍ୱ ନେଇଥିଲେ। ୧୫ ବୁଥ୍ କମିଟି ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସମସ୍ତେ ଘରକୁ ଘର ଯାଇ ବାସିନ୍ଦାଙ୍କ ସହ ସମ୍ପର୍କ ସ୍ଥାପନ ସହ ଏଥର ରାଜନୀତି ପରିବର୍ତ୍ତନ କରିବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ୱାର୍ଡଗୁଡ଼ିକର ସମସ୍ୟା ବୁଝି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଗେଟ ବଜାର ମଣ୍ଡଳ ସଭାପତି ଧର୍ମରାଜ ପାଣିଗ୍ରାହି, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ମିଡିଆ ପ୍ରଭାରୀ ସୁନୀଲ ସାହୁ, ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲା ସମ୍ପାଦିକା ଏସ. ରାଣୀଙ୍କ ସମେତ ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରର ସଫଳତା

## ୮ମ ଶ୍ରେଣୀ ଏନ୍‌ଆର୍‌ଟିଏସ ପରୀକ୍ଷା


ମେଧାବୃତ୍ତି ପାଇଥିବା ୪ ଛାତ୍ରଛାତ୍ରୀ।

ବ୍ରହ୍ମପୁର,୨୫।୨(ସ୍ମୃତି ରଞ୍ଜନ ମହାଲିକ)

୨୦୨୩-୨୪ ଶିକ୍ଷାବର୍ଷର ପ୍ରକାଶିତ ହୋଇଥିବା ୮ମ ଶ୍ରେଣୀ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନଆର୍‌ଟିଏସ)ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଶିକ୍ଷାନୁଷ୍ଠାନର ୪ଜଣ ଛାତ୍ରୀଛାତ୍ର ମେଧା ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଶୁତୋଷ ସେଠୀ, ରାକେଶ କୁମାର ସେଠୀ, ନିବୃତି ପ୍ରଧାନ ଓ ଦିବ୍ୟରଞ୍ଜନ ନାୟକ ପ୍ରମୁଖ ମେଧା ବୃତ୍ତି ପାଇଛନ୍ତି। ବିଗତ ତ୍ରିଦଶନ୍ଧି ଧରି ଏହି ସଫଳତା ପାଇଁ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ତ୍ୟାଗ, ସାଧନା ଓ ସମର୍ପଣଭାବ ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକଙ୍କର ଅକୁଣ୍ଠ ସହଯୋଗ, ଶିଶୁଙ୍କର କଠୋର ପରିଶ୍ରମ ରହିଛି ବୋଲି ପ୍ରଧାନାଚାର୍ଯ୍ୟ ଏସ ମୋହନ ରାଓ କହିଛନ୍ତି। ଛାତ୍ରୀଛାତ୍ରଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ ଓ ବାସନ୍ତି ବେହେରା, ଉପଦେଷ୍ଟା ଡ ଶ୍ରୀକାନ୍ତ ମହାପାତ୍ର, ଡ ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ଶ୍ରୀ ହରିକୃଷ୍ଣ ପାଢ଼ୀ ପ୍ରମୁଖ ଆଚାର୍ଯ୍ୟ ଓ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ସାମୁଦ୍ରିକ ବିଜ୍ଞାନ ବିଭାଗର କର୍ମଶାଳା

ବ୍ରହ୍ମପୁର,୨୫।୨(ତନୁଶ୍ରୀ ନାହାକ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ଓ ଇଷ୍ଟୁରାଇନ କୋଷ୍ଟାଲ ଷ୍ଟଡ଼ିଜ ଫାଉଣ୍ଡେଶନର ମିଳିତ ସହଯୋଗରେ ରବିବାର ତଟୀୟ ସାମୁଦ୍ରିକ ବିଜ୍ଞାନ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ରବିବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଷ୍ଟୁରାଇନ କୋଷ୍ଟାଲ ଷ୍ଟଡ଼ିଜ ଫାଉଣ୍ଡେସନ ନିର୍ଦ୍ଦେଶକ ଡ଼.ସୌରଭ ପାଲ ଓ ମୁଖ୍ୟବକ୍ତା ଭାବେ ଉରୁଗୁଏ ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ପ୍ରଫେସର ଡ଼ାନୟଲ କ୍ୟାଲିୟେର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗ ମୁଖ୍ୟ ଡ଼.ତମୋଘ୍ନ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ବିଭାଗ ପକ୍ଷରୁ ଡ଼.ଶେଷଦେବ ପାତ୍ର, ଡ଼.ନିବେଦିତା ବେହେରା, ଡ଼.ସୁଚିସ୍ମିତା ଶ୍ରୀଚନ୍ଦନ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ରହି ହରିପୁର ମୁହାଣର ୩ଟି ସ୍ଥାନରୁ ଜଳ ସଂଗ୍ରହ କରି ପରୀକ୍ଷା ନିମନ୍ତେ ନେଇଛନ୍ତି। ସୋମବାର ଗବେଷଣା ପତ୍ର ଲିଖନ ଓ ଉପସ୍ଥାପନ ସମ୍ପର୍କରେ ଆଲେଚାନା ହେବ।

# ବଡ଼ଡୁମୁଳାରେ ମେଗା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୫।୨(ଅଶୋକ କୁମାର ସାହୁ)

ଓଡ଼ିଶା ଘରୋଇ ଆଇଟିଆଇ ସଂଘ ଏବଂ ରୋଟାରି କ୍ଲବ ଅଫ ବ୍ରହ୍ମପୁର ଆନୁକୂଲ୍ୟରେ ବଡ଼ଡୁମୁଳା କଲ୍ୟାଣ ମଣ୍ଡପରେ ରବିବାର ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡଡୁମୁଳା ଆର୍‌ସିସି ଓ ବାଙ୍କେଶ୍ୱରୀ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ସହାୟତାରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଗ୍ରାମରୁ ଆସିଥିବା ୧୬୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଆଇଟିଆଇ ସଙ୍ଗଠନ ସଭାପତି ଡା. ଅରୁଣ ନାୟକ ଶିବିରକୁ ଉଦଘାଟନ କରିଥିଲେ। ଭୁବନେଶ୍ୱର ସଙ୍ଗଠନର ବିଶ୍ୱଜିତ ବାରିକ, ରୋଟାରି କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର ସଭାପତି ନାରସୁ ଜେନା, ପୂର୍ବତନ ସଭାପତି ଅସିତ ଦତ୍ତ, ଅଜିତ ପୃଷ୍ଟି, ଏସ.ଦୁର୍ଗା ରାଓ, ଜୟନ୍ତ କିଶୋର ପାତ୍ର, ଗଦାଧର ରାଉଳ, ହୃଷୀକେଶ ପ୍ରଧାନ, ନୃସିଂହ ପାଣିଗ୍ରାହୀ, ଆଇ.ରାଜେଶ୍ୱର ରାଓ, ସହ ପ୍ରାନ୍ତପାଳ କାମରାଜୁ ମହାରଣା, ଆରସିସି ସଭାପତି ମୁରଲୀଧର ସ୍ୱାଇଁ, ବଡଡୁମୁଳା ପୁରାତନ ଛାତ୍ର ସଂସଦ ସଭାପତି ସୀମାଞ୍ଚଳ ପଣ୍ଡା, ପୂର୍ବତନ ସଭାପତି ଅରବିନ୍ଦ ଭୂୟାଁ, ଉପସଭାପତି ଏସ.ବାଲାଜି ରାଜୁ ରେଡି, ସମ୍ପାଦକ ଶ୍ରୀହରି ପ୍ରଧାନ, ରୋହିତ ପାତ୍ର, କାନକା ରେଡି, ସୁବାସ ଦାଶ, ବି.ବନମାଳୀ, ଈଶ୍ୱର ଭୂୟାଁ, ବ୍ରହ୍ମପୁର ଇନରହ୍ୱିଲ କ୍ଲବ ଅଫ ଇଷ୍ଟର ସଦସ୍ୟା ସଂଯୁକ୍ତା ପାଣିଗ୍ରାହୀ, ଅମିତା ରାଉଳ, ଡିମ୍ପଲ ସିଂ, ରଶ୍ମିତା ଚୌଧୁରୀ ସହଯୋଗ କରିଥିଲେ।

# ମନ୍ଦିର ଉନ୍ନତୀକରଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ

ଖଲ୍ଲିକୋଟ,୨୫।୨(ପ୍ରଶାନ୍ତ କୁମାର ମିଶ୍ର)

୧୫ କୋଟି ଟଙ୍କାରେ ତିନୋଟି ରାସ୍ତା କାମ ଓ ୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟରେ ମା ନାରାୟଣୀ ମନ୍ଦିରର ଉନ୍ନତୀ କରଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ। ଖଲ୍ଲିକୋଟଠାରୁ ମାନାପଲ୍ଲୀ ରାସ୍ତା ବହୁ ଦିନରୁ ଅବହେଳିତ ହୋଇ ରହିଥିଲା। ଖଲ୍ଲିକୋଟକୁ ଆସିବା ପାଇଁ ଏହି ରାସ୍ତା ଉପରେ ପ୍ରାୟ ୧୫ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ବହୁ ପ୍ରଚେଷ୍ଟାରେ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପ୍ରାୟ ୭ କିଲୋମିଟର ଦୈର୍ଘ୍ୟ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିଲା। ଖଲ୍ଲିକୋଟ-ମାନାପଲ୍ଲୀ ରାସ୍ତାର ଉନ୍ନତିକରଣ ପାଇଁ ୭ କୋଟି ୩୬ ଲକ୍ଷ ୮ ହଜାର ୨୧୦ ଟଙ୍କା ମଞ୍ଜୁର କରାଯାଇଛି। ଆସନ୍ତା ୩୦.୧୨.୨୦୨୪ ସୁଦ୍ଧା ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାଗଲପୁରଠାରୁ କାଉଡ଼ିଆଝର ପ୍ରାୟ ୫ କିଲୋମିଟର ରାସ୍ତାର ଉନ୍ନତି କରଣ କାର୍ଯ୍ୟପାଇଁ ୩ କୋଟି ୩୭ ଲକ୍ଷ ଟଙ୍କା ଓ ବାଦପଲ୍ଲୀଠାରୁ ମରେଇନୁଆଁଗାଁ ୫.୨ କିଲୋମିଟର ରାସ୍ତାର ଉନ୍ନତି କରଣ କାର୍ଯ୍ୟ ପାଇଁ ୪ କୋଟି ୩୨ ଲକ୍ଷ ୯୪ ହଜାର ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ମା' ନାରାୟଣୀ ମନ୍ଦିରର ଉନ୍ନତି କରଣ କାର୍ଯ୍ୟପାଇଁ ୧ କୋଟି ୫୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ନାରାୟଣୀଙ୍କ ମୁଖ୍ୟ ମନ୍ଦିରର ଉନ୍ନତି କରଣ, ରାସ୍ତାର ଉନ୍ନତି କରଣ, ଆଲୋକୀ କରଣ ଏବଂ ଯାତ୍ରୀ ମାନଙ୍କ ସୁବିଧା ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଖଲ୍ଲିକୋଟ ବିଧାୟିକା। ବିଧାୟିକାଙ୍କ ସହ ଏହି ସମସ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଉପାଧ୍ୟକ୍ଷ ଭାରତୀ ବେହେରା, ଜିଲା ପରିଷଦ ସଭ୍ୟ ସୋନମ ପଲେଇ, ବ୍ଲକ ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ଏମ୍‌ପି ପ୍ରତିନିଧି ରତ୍ନାକର ସାହୁ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡାଙ୍କ ସମେତ ବିଭାଗୀୟ ଜେଇମାନେ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର କରୁଛନ୍ତି ବିଧାୟିକା।

### ଗ୍ୟାସ୍ ଡିଲରଶିପ୍ କରାଇଦେବା ନାଁରେ ୧.୨୦ଲକ୍ଷ ଠକେଇ

ବ୍ରହ୍ମପୁର,୨୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ରନ୍ଧନ ଗ୍ୟାସ୍ ଡିଲରଶିପ୍ କରାଇ ଦେବାକୁ କହି ଜଣେ ବ୍ୟକ୍ତି ୧ଲକ୍ଷ ୨୦ହଜାର ଟଙ୍କା ଠକି ନେଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। କବିସୂର୍ଯ୍ୟନଗର ଥାନା ବୋଇରାଣୀ ଅଞ୍ଚଳର ରମେଶ ଚନ୍ଦ୍ର ସାହୁ ଗ୍ୟାସ୍ ଡିଲରଶିପ୍ ପାଇବା ପାଇଁ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ପ୍ରଥମ ଗଳିର ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ କରିଥିଲେ। ଏହି କାମ ପାଇଁ ବ୍ୟକ୍ତି ଜଣକ ୧.୨୦ଲକ୍ଷ ଟଙ୍କା ମାଗିଥିଲେ। ରମେଶ ଉକ୍ତ ଟଙ୍କା ସମ୍ପୃକ୍ତ ବ୍ୟକ୍ତିଙ୍କ କହିବା ପ୍ରକାରେ ଫୋନ ପେ' ମାଧ୍ୟମରେ ତାଙ୍କ ସ୍ତ୍ରୀ'ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଏହାପରଠାରୁ ବ୍ୟକ୍ତି ଜଣକ ରମେଶଙ୍କ ସହ ସମସ୍ତ ଯୋଗାଯୋଗ ଛିନ୍ନ କରି ଦେଇଥିଲେ। ପୂର୍ବରୁ ଏପରି ଅନ୍ୟ କେତେଜଣଙ୍କୁ ଗ୍ୟାସ୍ ଡିଲରଶିପ୍ ଯୋଗାଇ ଦେବାକୁ କହି ବ୍ୟକ୍ତି ଜଣକ ଟଙ୍କା ଠକିଥିବା ଜାଣିବା ପରେ ରମେଶ ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ୭୪/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଷ୍ଟ ପକ୍ଷରୁ ସୁନାପୁର ବେଳାଭୂମି ସଫେଇ



ବେଳାଭୂମିରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୫।୨(ସ୍ମୃତି ରଞ୍ଜନ ମହାଲିକ)

ନିଷ୍ଟ ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ ବିଭାଗ ପକ୍ଷରୁ ରବିବାର ସୁନାପୁର ବେଳାଭୂମି ସଫେଇ କରାଯାଇଛି। ବିଶ୍ୱବିଦ୍ୟାଳୟ ଏନଏସଏସ କୋ-ଅର୍ଡିନେଟର ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ଆବର୍ଜନା ସଫେଇ କରିବା ସହ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଳାଭୂମି ସଫା ସୁତରା ରଖିବା ଓ ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଇଥିଲେ। ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ ପକ୍ଷରୁ ପ୍ରତିଥର ଏଭଳି ଜନ ହିତକର କାର୍ଯ୍ୟ କରାଯିବା ସହ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଉଥିବା କୋ -ଅର୍ଡିନେଟର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ ପି ରାଜେଶ କୁମାରଙ୍କ ସମେତ ପ୍ରଶାସନ ମୁଖ୍ୟ ଇଂ ସୟଦ ସୁଲେମାନ ଅଲୀ ପ୍ରମୁଖ ପ୍ରଶଂସା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିଖିଲ କୁମାର, ନନ୍ଦିନୀ ପାଣ୍ଡେ, ଏଲିନା ସାହୁ, ହର୍ଷିତ ରାଜ ସିଂ ଓ ସନତ ପାଢିଙ୍କ ସମେତ ବହୁ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୫।୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ମାଣ୍ଡିପଡ଼ା ସାଡ଼ିଙ୍ଗିଆ ମୁଖ୍ୟ ରାସ୍ତା ଯାଜେସପଙ୍ଗା ଗାଁରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନରେ ଥିବା ଉପରପାଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଳମାଲା ଗାଁର ବିଗାନ କହଁରଙ୍କ ପୁଅ ସୁବର୍ଣ୍ଣ । ସେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ । ଫିରିଙ୍ଗିଆ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

### ଜଙ୍ଗଲ ସୁରକ୍ଷା ସଚେତନତା ଶିବିର

ପାରଳାଖେମୁଣ୍ଡି, ୨୫।୨ (ଗିରିଧାରୀ ପରିଛା)

ଗଜପତି ଜିଲା ମହେନ୍ଦ୍ର ବନାଞ୍ଚଳ ପକ୍ଷରୁ ମୁଳି ଗୁମ୍ମା ବନ ସୁରକ୍ଷା ସମିତି ଠାରେ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତ, ବନପାଳ ଦୁର୍ଯ୍ୟୋଧନ ଜେନା, ବନରକ୍ଷୀ କେ. ଗିରିଶ କୁମାର, ଲିପିକା ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମୀ ଏବଂ ବନ ସୁରକ୍ଷା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ 'ରହିଲେ ବନ ବଞ୍ଚିବେ ଜନ, ଜଙ୍ଗଲ ସୁରକ୍ଷା ଆମର ଦୀକ୍ଷା, ବନ ପଶୁପକ୍ଷୀ ସୁରକ୍ଷା ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଜଙ୍ଗଲରେ ନିଆଁ ଲାଗିଲେ ଭାଇ, ମିଳି ମିଶି ଆମେ ଦେବା ଲିଭାଇ' ଭଳି ସ୍ଲୋଗାନ ଦେଇ ସଚେତନତା କରାଯାଇଥିଲା।

### ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,୨୫।୨(ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ଅଞ୍ଚଳର ଏକ ଗଛରେ ରସି ଲଗାଇ ଝୁଲୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ସେ ହେଲେ ଜାଲାରୀପେଣ୍ଠ ଗ୍ରାମ ବି ରାଙ୍ଗା ରାଓ (୪୪)। ଏହି ଥାନା ଅଧିନ ଜାଲାରୀପେଣ୍ଠ ଗ୍ରାମର ଶେଷ ଭାଗରେ ରାଙ୍ଗା ରାଓ ରହୁଥିଲେ। କୌଣସି କଥାକୁ ନେଇ ରାଙ୍ଗା ରାଓ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗ୍ରାମ ନିକଟସ୍ଥ ୨ କିମି ଦୂରରେ ଥିବା ଜଙ୍ଗଲରେ ଏକ ଗଛରେ ରସି ଲଗାଇ ରାଙ୍ଗା ରାଓ ଝୁଲି ପଡ଼ିଥିଲେ। ସ୍ଥାନୀୟ ଲୋକ ଦେଖି ଗୋଲନ୍ଥରା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ନଂ. ୫/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହବ ବୋଲି ପୋଲିସ କହିଛି।

### ରଙ୍ଗମାଟିଆ ପାଇଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୋହନା,୨୫।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ମୋହନା ପଞ୍ଚାୟତ ଅଧିନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଙ୍ଗମାଟିଆ ପାଇଲା ଜିଲାରେ ଦ୍ୱିତୀୟ ଓ ବ୍ଲକରେ ପ୍ରଥମ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା। ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର ଉତ୍କର୍ଷତାକୁ ଭିତ୍ତି କରି ଦିଆଯାଉଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏହି ବିଦ୍ୟାଳୟକୁ ମିଳିଛି। ଜିଲାରେ ରଙ୍ଗମାଟିଆ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟକୁ ସିଲ୍ ଓ ମାନପତ୍ର ପ୍ରଦାନ କରାଯାଇଛି। ଏଭଳି ଏକ ସମ୍ମାନ ଜନକ ପୁରସ୍କାର ବିଦ୍ୟାଳୟ ଲାଭ କରିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବଲ୍ ଗମାଙ୍ଗ ଓ ଶିକ୍ଷୟିତ୍ରି, ଶିକ୍ଷକ ଏବଂ ଶିକ୍ଷା କମିଟି ସଦସ୍ୟ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷ ତଥା ଜିଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାଇକ ଦୁର୍ଘଟଣାରେ ଜଣେ ମୃତ

ପୋଲସରା,୨୫।୨ (ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ବିରିପୁର ଗ୍ରାମର ଭଗବାନ ଡାକୁଆ ରବିବାର ସନ୍ଧ୍ୟାରେ ବାଇକରେ ଶ୍ୱଶୁର ଘର ହଂସରାଳି ଯିବାବେଳେ ନରସିଂହପଲ୍ଲୀ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥଲେ। କିନ୍ତୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଯାଇଛି।

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୫।୨(ଗିରିଧାରୀ ପରିଛା)



ଲୋକମାନେ ରାସ୍ତାରୋକୋ କରିଛନ୍ତି।

ଗଜପତି ଜିଲା ଗୋଷାଣି ବ୍ଲକ ବାଟିସିରିପୁର ଗ୍ରାମରେ ଜଣେ ଯୁବକ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୩୨୬-ଏ ଜାତୀୟ ରାଜପଥ ଅନ୍ତର୍ଗତ ଉପଲଡା ଗ୍ରାମ ସ୍ଥିତ ପାୱାର୍ ହାଉସ ସମ୍ମୁଖରେ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିଛନ୍ତି। ପ୍ରକାଶ ଯେ, ବାଟିସିରିପୁର ଗ୍ରାମର ସୁରବାରାପୁ ନାଗେଶ୍ୱରଙ୍କ ଏକ ମାତ୍ର ପୁତ୍ର ଏସ. ଯୋଗେଶ୍ୱର ରାଓ (୨୩) ସକାଳେ ଛୁଇଁ ତୋଳିବାକୁ ସଜନା ଗଛ ଉପରକୁ ଚଢ଼ିଥିଲେ। ଗଛକୁ ଲାଗି ଉଚ୍ଚ ସମ୍ପନ୍ନ ବିଦ୍ୟୁତ ତାର ରହିଥିଲା। ଯୋଗେଶ୍ୱର ଛୁଇଁ ତୋଳୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ତଳକୁ ପଡ଼ି ଗୁରୁତର ହୋଇଥିଲେ। ଗ୍ରାମବାସୀ ତଥା ତାଙ୍କ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକେ ଓ ଗ୍ରାମବାସୀ ନେଇ ଗ୍ରାମରେ ଥିବା ପାୱାର୍ ହାଉସ ତଥା ଟିପିଏସଓଡିଏଲ କାର୍ଯ୍ୟାଳୟ ସମ୍ମୁଖ ୩୨୬-ଏ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କ୍ଷତିପୂରଣ ଦାବିରେ ଦୀର୍ଘ ୪ଘଣ୍ଟାରୁ ଉର୍ଦ୍ଧ୍ୱ ରାସ୍ତାରୋକ କରିଥିଲେ। ଥାନା ଅଧିକାରୀ ଶ୍ରୀ ପାତ୍ର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ସୁଫଳ ମିଳିନଥିଲା। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ନାରାୟଣ ବେହେରା ବୁଝାସୁଝା କରିଥିଲେ। କିନ୍ତୁ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଲେ ରାସ୍ତା ଅବରୋଧରୁ ହଟିବେ ବୋଲି କହିଥିଲେ। ପ୍ରାୟ ତିନିଘଣ୍ଟା ପରେ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ପାଢ଼ୀ ଏବଂ କନିଷ୍ଠଯନ୍ତ୍ରୀ ପହଞ୍ଚି କ୍ଷତିପୂରଣ ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଜିଲା ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ବିଜେଡିର ବିଶାଳ ବାଇକ୍ ଶୋଭାଯାତ୍ରା




ବିଜେଡି କର୍ମକର୍ତ୍ତାଙ୍କ ଶୋଭାଯାତ୍ରା।

ମୋହନା,୨୫।୨(ମନ୍ମଥ ମିଶ୍ର)

ଯେତେ ପାଖେଇ ଆସୁଛି ସାଧାରଣ ନିର୍ବାଚନ ସେତେ ରାଜନୀତି ଉଷ୍ମତା ହେବାରେ ଲାଗିଛି ମୋହନା ନିର୍ବାଚନ ମଣ୍ଡଳୀ। ମୋହନା ନିର୍ବାଚନ ମଣ୍ଡଳୀର ସଦରମହକୁମା ମୋହନା ସହରରେ ବିଜେଡିର ବିଶାଳ ବାଇକ୍ ଶୋଭାଯାତ୍ରା ମୋହନା କଲେଜ୍ ଛକରୁ ବାହାରି ଚାପଡ଼ପଙ୍କା ଗାଁ ଯାଏ ଦେଖିବାକୁ ମିଳିଥିଲା। ଏହି ବାଇକ୍ ଶୋଭାଯାତ୍ରାଟି ରାଜ୍ୟ ସମ୍ପାଦକ ମାରୁତ ପାଲଙ୍କ ନେତୃତ୍ୱରେ ହୋଇଥିବା ବେଳେ ବିଜେଡି କର୍ମୀ ସାମିଲ ହୋଇଥିଲେ। ମୋହନା ବ୍ଲକର ଟାଣୁଆ ନେତା ହାଡ଼ିଆ କନ୍ଧ, ବିଳାସ ନାୟକ ବାଲ୍ମୀନା ମାଝୀଙ୍କ ସହ ବହୁ ବିଜେଡି ନେତା ସାମିଲ ହୋଇଥିଲେ। ହେଲେ ଏହି ଶୋଭାଯାତ୍ରାରେ ଜିଲା ସ୍ତରୀୟ କୌଣସି ନେତା ହୁଅନ୍ତୁ କିମ୍ବା ବ୍ଲକରେ ରହିଥିବା ଆଉ କିଛି ବଡ଼ ବଡ଼ିଆ ନେତାଙ୍କ ଦର୍ଶନ ମିଳିନଥିଲା। ଫଳରେ ନିର୍ବାଚନ ମଣ୍ଡଳୀରେ ବିଜେଡିର ଅନ୍ତଃ କନ୍ଦଳ ବୋଲି ମଧ ଚର୍ଚ୍ଚା ହେଉଛି। ଅନ୍ୟପଟେ ରାଜ୍ୟ ସମ୍ପାଦକ ମାରୁତ ପାଲ ବ୍ରହ୍ମପୁର ଲୋକସଭା ଆସନରୁ ଟିକେଟ ଆଶାୟୀ ରହିଥିବା ଓ ମୋହନା ନିର୍ବାଚନ ମଣ୍ଡଳୀରେ ହାଡ଼ିଆ କନ୍ଧ ଆଶାୟୀ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ସେମାନେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ନେଇ ଆଲୋଚନା ହେଉଛି। ଏ ନେଇ ବିଜେଡିର ଗଜପତି ଜିଲା ସଭାପତି ଜଗବନ୍ଧୁ ଦାସଙ୍କୁ ପଚାରି ବୁଝିଥିଲୁ ସେ କହିଥିଲେ ମୋ ପାଖରେ କୌଣସି ସୂଚନା ନାହିଁ। ଏହି ଶୋଭାଯାତ୍ରାର ଯଦି ରାଜ୍ୟରୁ କୌଣସି ଅର୍ଡର ମିଳିଥିବ ତା ହେଲେ ସେମାନେ କରିଥିବେ ବୋଲି କହିଥିଲେ।

# ଛାତ୍ରୀଛାତ୍ରଙ୍କ ବିକାଶରେ ଅଭିଭାବକ ଶିକ୍ଷକଙ୍କ ସମାନ ଦାୟିତ୍ୱ

ଫୁଲବାଣୀ,୨୫।୨(ରାକେଶ କୁମାର ରାଉତ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୋହନଦାସ କରମଚାନ୍ଦ ଶିକ୍ଷା ନିକେତନର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନଶୀଳ ମନୋଭାବର ବିକାଶରେ ଅଭିଭାବକ ଓ ଶିକ୍ଷକ ସମାଜର ଗୁରୁ ଦାୟିତ୍ୱ ରହିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ଜେନା ପିଲାଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ମୋବାଇଲ ଫୋନ୍‌ର କୁପ୍ରଭାବ ସମ୍ପର୍କରେ ଅଭିଭାବକଙ୍କୁ ସତର୍କ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନ ସଭାପତି ବିଜୟକୃଷ୍ଣ ପଟ୍ଟନାୟକ ଅଭିଭାବକ ଶିଶୁଙ୍କ ସହ ଅଧିକ ଆଳାପ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସମ୍ପାଦକ ଶରତଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟ ମହାନ୍ତି, ପ୍ରତାପ ପାତ୍ର, ସଂଗ୍ରାମ ସିଂ ପଟ୍ଟନାୟକ, ପ୍ରଭାତ ଦାସ, ସଚ୍ଚିଦାନନ୍ଦ ମହାପାତ୍ର, ପ୍ରସନ୍ନ ବିଷୋୟୀ, ବିପିନ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର, ସନାତନ ମିଶ୍ର, ଶରତ ପଟ୍ଟନାୟକ, ଶଶୀଭୂଷଣ ପ୍ରଧାନ, ଗୋପୀନାଥ ରାଉତ, ଶିବପ୍ରସାଦ, ମନୋଜ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଚବିଶ ପ୍ରହର ନାମଯଜ୍ଞ, ଲକ୍ଷ୍ମୀନୃସିଂହଙ୍କ ମାଘ ଉତ୍ସବ ଉଦ୍‌ଯାପିତ

ଗଞ୍ଜାମ,୨୫।୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ବଡ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଏହି ଯଜ୍ଞକୁ ବଣିକ ସଂଘ ପରିଚାଳନା କରି ଆସୁଛି। ଏହି ଅବସରରେ ନାମଯଜ୍ଞ, ଘୃତ ଯଜ୍ଞ ଏବଂ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ଯଜ୍ଞ ସମ୍ପନ୍ନ ହୋଇଥିବା ବଣିକ ସଂଘ କୋଷାଧକ୍ଷ ଜି ରାମଦାସ ରେଡି ସୂଚନା ଦେଇଛନ୍ତି। ସେହିପରି ଗଞ୍ଜାମ ବ୍ଲକର ଖଣ୍ଡଦେଉଳି ସ୍ଥିତ ଖଣ୍ଡଗିରି ପାହାଡରେ ବିଜେ ପ୍ରସିଦ୍ଧ ବରାହ ଲକ୍ଷ୍ମୀନୃସିହଁ ମହାପ୍ରଭୁଙ୍କ ପବିତ୍ର ମାଘ ଉତ୍ସବ ମହାଆଡମ୍ବର ସହକାରେ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଏକ ମାସ ଧରି ପାଳିତ ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ନୃସିହଁ ପୁରାଣ ପଠନ ସହ ବିଭିନ୍ନ ଦିବସରେ ନୃସିହଁ ବିଭାହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିବା ବେଳେ ଧୂପ ଦୀପ ନୈବେଦ୍ୟରେ ଶ୍ରଦ୍ଧାଳୁ ଭକ୍ତ ମାନେ ନିଜର ମାନସିକ ପୂରଣ ପାଇଁ ହଜାର ହଜାର ସଂଖ୍ୟାରେ ସମାବେଶ ହୋଇଥିଲେ। ଉକ୍ତ ଉତ୍ସବକୁ ବଂଶୀଧର ଗୌଡ଼, ଉଲ୍ଲାସ ସ୍ୱାଇଁ, କାଂଗାଳି ସାହୁ, ବୃନ୍ଦାବାନ ବାରିକ, ପ୍ରଭାକର ସାହୁ, ଦିବାକାର ସାହୁ, ପଦ୍ମ ସାହୁ ପ୍ରମୁଖଙ୍କ ସହ ସ୍ଥାନୀୟ ଗ୍ରାମବାସୀ ସୁପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି।

# ନୂତନ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା



ସମ୍ମିଳନୀରେ ଉପସ୍ଥିତ କଂଗ୍ରେସର କର୍ମକର୍ତ୍ତା।

## କଂଗ୍ରେସର ଖବରଦାତା ସମ୍ମିଳନୀ

ଫୁଲବାଣୀ, ୨୫।୨(ରାକେଶ କୁମାର ରାଉତ)

ଫୁଲବାଣୀ ମାଷ୍ଟରପଡା ପାଖ ନେତାଜୀ କ୍ଲବରେ ନୂତନ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସମଗ୍ର ଜିଲା କଂଗ୍ରେସର ୯ଜଣ ଉପସଭାପତି, ୮ଜଣ ସାଧାରଣ ସମ୍ପାଦକ, ୧୧ଜଣ ସମ୍ପାଦକ, ୧୮ ଜଣ କାର୍ଯ୍ୟକାରୀ ସଦସ୍ୟ ଓ ୧୨ଜଣ ନିମନ୍ତ୍ରିତ ସଦସ୍ୟ, ସମସ୍ତ ଫ୍ରଣ୍ଟ ସଙ୍ଗଠନ, ବ୍ଲକ ସଭାପତି ଭାବେ ୧୨, ନଗର ସଭାପତି ୩ ଜଣ ଏବଂ ୧୮ ଜଣ ଜୋନ୍ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ଏମ୍‌ପି ଓ ବିଧାୟକଙ୍କ ନିଷ୍କ୍ରିୟତା, ନିର୍ବାଚନ କମିଶନରଙ୍କ ଗାଇଡ୍ ଲାଇନ ଅନୁସରଣ କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡିସିସି ସଭାପତି ଅନାମ ନାୟକ, ବରିଷ୍ଠ ନେତା ହେମନ୍ତ କର, ଆଇନଜୀବୀ ବିଜୟ କୁମାର ମହାନ୍ତି, ନନ୍ଦ କିଶୋର ଦାସ, ରଜତ କୁମାର ମହାନ୍ତି, ଗୌର ଚରଣ ବେହେରା, ସଞ୍ଜୟ କୁମାର କହଁର, ଏଆଇସିସି ସଦସ୍ୟ ଘନ କୁମାର ଶବର, ଆଇନଜୀବୀ ରଜତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ବସନ୍ତ ପାଢ଼ୀ, ନଗର ସଭାପତି ଶିବ ଶଙ୍କର ବେହେରା, ସୋସିଆଲ ମିଡିଆ ଜିଲା କଂଗ୍ରେସ କମିଟି ଅଧକ୍ଷ ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଡୁମୁଡିବନ୍ଧ,୨୫।୨(ଦିପକ କୁମାର ପରାସେଠ)

ଡୁମୁଡିବନ୍ଧ ବ୍ଲକ ବିଜେଡି ପକ୍ଷରୁ ରବିବାର ଏକ କର୍ମୀ ସମ୍ମିଳନୀ ହେବା ସହିତ ମିଶ୍ରଣ ପର୍ବ ମଧ ହୋଇଥିଲା। ଉକ୍ତ ସଭାରେ ବ୍ଲକ ବିଜେଡିର ସଭାପତି ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ଟୁନା ଦାସ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଜୟ କୁମାର ମହାରଣା, ବାଲିଗୁଡ଼ା ବିଧାୟକ ଚକ୍ରମଣି କନ୍ହର, ପୂର୍ବତନ ବିଧାୟକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ରାଜୀବ ପାତ୍ର, ଡୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଡୁମୁଡିବନ୍ଧ ପଞ୍ଚାୟତର ସାଗଡ଼ିଆ ସାହି, ଲୋହରା ସାହି, ଲାଇନ ପଡ଼ା, ବଜାର ସହି, ମଞ୍ଜିଆ ପଦ, ମାଝୀ ସାହି, ବଡ଼ ସାହି, ବହଳ ପଦା, ଉଦଲିଆ ସାହି, ତେଲି ମୁଣ୍ଡା ନୂଆମୁଣ୍ଡା, ପାଜିଙ୍ଗ ମାସ୍କା, ଶରଧାପୁର, ବେତ ବାଡ଼ି, କଦମ ପଦର, ବୁଡା ପଡ଼ା, ମାଲି ପଡ଼ା ମୁଣ୍ଡିଗଡ଼ ପଞ୍ଚାୟତର ମାତୃ ଗାଁ, ଭଣ୍ଡାରଙ୍ଗୀ ପଞ୍ଚାୟତର ମାସ୍କା ଗୁଡ଼ା ଏହିପରି ବିଭିନ୍ନ ଗ୍ରାମରୁ ୭୦୦ରୁ ଉର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀମାନେ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ସାମିଲ ହୋଇ ଥିବା ଭାଜପାର ବରିଷ୍ଠ କର୍ମୀ ଉମାକାନ୍ତ ପାତ୍ର କହିଛନ୍ତି ଯେ ଗାଁ ବିକାଶ କହିଲେ ବିଜୁ ଜନତା ଦଳକୁ ହିଁ ବୁଝାଏ, ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଦଳରେ ସାମିଲ ହେଲି। ସେହିପରି ଝିରିପାଣି ପଞ୍ଚାୟତର ନାଏବ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ତଳଦିନରେ ଭୁଲବଶତଃ କଂଗ୍ରସରେ ଯୋଗା ଦେଇଥିଲେ, ପୁନର୍ବାର ବିଜେଡକୁ ଫେରି କହିଛନ୍ତି ଯେ ମୁଁ ଘରବାହୁଡ଼ା ହୋଇଛି। କାର୍ଯ୍ୟକ୍ରମରେ ଡୁମୁଡିବନ୍ଧ ବ୍ଲକର ପ୍ରାୟ ୧୫ଶହରୁ କର୍ମୀ ଯୋଗ ଦେଇଥିଲେ।




ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

# କଂଗ୍ରେସର ନୂଆ ଟିମ ଘୋଷଣା, ଦୀପକ ନଗର ସଭାପତି

ଜି.ଉଦୟଗିରି,୨୫।୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନଗର କଂଗ୍ରେସ ନୂଆ ଟିମ ଘୋଷଣା କରାଯାଇଛି। ଜି.ଉଦୟଗିରି କଂଗ୍ରେସର ନଗର ସଭାପତି ଭାବେ ଦୀପକ କୁମାର ପ୍ରଧାନ (ଡୁଲୁ), ବ୍ଲକ ସଭାପତି ଭାବେ ସଦାନନ୍ଦ ନାୟକ, ଜିଲା ସାଧାରଣ ସଂପାଦକ ଯାକେଶ ପ୍ରଧାନ ଏବଂ ମଧୂଲିନା ଦିଗାଲଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଭାବେ ଜିଲା ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ନାୟକ ଏବଂ ଅଞ୍ଜୁମ ଅହମ୍ମଦ ନାମ ଘୋଷଣା କରାଯାଇଛି। ଜି.ଉଦୟଗିରିରେ ଏହି କର୍ମକର୍ତ୍ତାଗଣ ଦାୟିତ୍ୱ ମିଳିବା ପରେ ନୂଆ ଟିମକୁ କଂଗ୍ରେସ ମହଲରୁ ଶୁଭେଚ୍ଛା ଶୁଭକାମନା ଜଣାଇଛନ୍ତି।

# ସ୍ଥାୟୀ ଘରପଟ୍ଟା ପାଇଁ ଦାବିପତ୍ର ପ୍ରଦାନ

ଧରାକୋଟ,୨୫।୨(ଡି.ଏନ୍.ଏ.)

ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ ସଦରମହକୁମାର ଏକ ନମ୍ବର ୱାର୍ଡର ଚାରି ଗୋଟି ପରିବାର ଓ ଦୁଇ ନମ୍ବର ୱାର୍ଡର ୨୬ ଗୋଟି ପରିବାର ଗାଁର ତେଲି ସାହିରେ ଶହେରୁ ଅଧିକ ବର୍ଷ ହେଲା ସ୍ଥାୟୀ ଭାବରେ ବସବାସ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ତାଙ୍କୁ ସ୍ଥାୟୀ ଘରବାରି ପଟ୍ଟା ପ୍ରଦାନ କରାଯାଇନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ସଂପ୍ରତି ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ପାଠପଢା ପାଇଁ ପ୍ରମାଣପତ୍ର ଆବଶ୍ୟକ ପଡୁଛି। ଏଣୁ ବାହାରପୁର ତେଲି ସାହିର ତିରିଶ ଗୋଟି ପରିବାରର ମୁଖିଆ ପ୍ରଶାନ୍ତ ସାହୁ, ରତ୍ନମାଳା ସାହୁ, ରାମନାଥ ଭୂୟାଁ, ଯୋଗୀ ବେହେରା, ଅଚ୍ୟୁତ ବେହେରା, ଲାବଣ୍ୟ ସାହୁ ଓ ଝୁନୁ ସାହୁ ପ୍ରମୁଖ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଲିଖିତ ଅଭିଯୋଗ କରି ପଟ୍ଟା ପ୍ରଦାନ ପାଇଁ ଗୁହାରି କରିଛନ୍ତି।

# ଶୁଖିଲା ପଡ଼ିଛି ହରଭଙ୍ଗା କେନାଲ

ଶେରଗଡ଼, ୨୫।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକରେ ଚଳିତ ବର୍ଷ ଜଳସେଚନରେ ବାଧକ ସାଜିବ ପାଣି। କାରଣ ଶେରଗଡ ବ୍ଲକକୁ ସଂଯୋଗ କରୁଥିବା ସବୁ କେନାଲ ଶୁଖିଲା ପଡିଛି। ଏପରକି ତଳ ଫାଟି ଆଁ ହୋଇଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଶନିମନ୍ଦିରକୁ ସଂଯୋଗ କରୁଥିବା ହରଭଙ୍ଗା କେନାଲରେ କିଛି ପାଣି ରହିଥିଲେ ମଧ ବର୍ଷା ଦିନିଆ ପାଣି ମିଶି ଜଳସେଚନ ଉପଯୋଗୀ ହୋଇ ପାରିଥାଆନ୍ତା। କିନ୍ତୁ ହରଭଙ୍ଗା କେନାଲ ବାହାରି ଥିବା ଗୋକୁଳପୁର ବ୍ୟାରେଜରେ ପାଣିନଥିବା ଯୋଗୁଁ ଏହି ଅବସ୍ଥା ହୋଇଛି ବୋଲି ଜଳସେଚନ ବିଭାଗ ସଫେଇ ଦେଇଛି। କେନାଲ ଶୁଖିଲା ଦେଖି ଚାଷୀ ମନରେ ଶଙ୍କା ପଡିଛି। ଯଦି ବର୍ଷା ଠିକ ନହୁଏ ତେବେ ବ୍ଲକର ୨୬ଟି ଗ୍ରାମରେ ଚାଷବାସ ସବୁ ଉଜୁଡିଯିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବେଳ ଥାଉ ଥାଉ ଏହି କେନାଲ ସହ ବଡ ଜଳସେଚନ ପ୍ରକଳ୍ପ ସଂଯାଗୀକରଣ କରି ଜଳସେଚନ ଉପଯୋଗୀ କରିବା ଲାଗି ଚାଷୀମାନେ ଦାବି କରିଛନ୍ତି।



# ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା ପାଇଁ ଦାବି ଜୋର ଧରିଲା

ଦାରିଙ୍ଗବାଡି,୨୫।୨(ଅରୁଣ ସାହୁ)

## ଡିଜିଟାଲ ମାଧ୍ୟମରେ ସରକାରଙ୍କୁ ନିବେଦନ କରୁଛନ୍ତି ଅଞ୍ଚଳବାସୀ




ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରାଯିବାକୁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଏହାକୁ ଘୋଷଣା କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଅନେକ ଥର ରାଜ୍ୟ ସରକାରଙ୍କୁ ଦାବି ଜଣାଇବା ସହ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦାବିପତ୍ର ଦେଇଆସିଛନ୍ତି। ଅନେକ ସମୟରେ ଅଞ୍ଚଳବାସୀ ଏକତ୍ରିତ ହୋଇ ବାରମ୍ବାର ବୈଠକ କରି ସରକାରଙ୍କୁ ଚେତାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି, ହେଲେ ଫଳ ଶୂନ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରିପାରନ୍ତି ବୋଲି ଅଞ୍ଚଳବାସୀ ଅନେକ ଆଶା କରିଥିଲେ। ତେବେ ଶନିବାର ରାଜ୍ୟ ସରକାର ରାଜ୍ୟରେ ୨୦ ଜିଲାରେ ୩୪ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ ସୁଦ୍ଧା ଦାରିଙ୍ଗବାଡିକୁ ଏନ୍‌ଏସି ଏବଂ ବ୍ରାହ୍ମଣୀଗାଁକୁ ନୂଆ ବ୍ଲକ ଘୋଷଣା ହୋଇପାରିଲା ନାହିଁ ଫଳରେ ଅଞ୍ଚଳରେ ନିରାଶାଭାବ ଦେଖାଯିବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଅଞ୍ଚଳରେ ଆଲୋଚନା ଚାଲିଛି। ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଞ୍ଚଳବାସୀ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ଡିଜିଟାଲ ମାଧ୍ୟମରେ ନିବେଦନ କରୁଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା ଏହି ପ୍ଲାଟଫର୍ମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରୁଥିବା ଭିଡିଓ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ କରି ଭାଇରାଲ କରାଯାଉଛି। ପ୍ରକାଶ ଯେ, ଉକ୍ତ ବ୍ଲକରେ ମୋଟ ୨୫ ପଞ୍ଚାୟତ ରହିଥିବା ବେଳେ ବ୍ଲକ ଅଞ୍ଚଳରେ ୨ ଟି ଥାନା ରହିଛି। ଏଥିସହ ଦୁଇଟି ଜିଲାପରିଷଦ ଜୋନ ରହିଛି । ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ମୋଟ ଆଠଟି ପଞ୍ଚାୟତ ତଥା କାଟିଙ୍ଗିଆ, କୁମ୍ଭାରୀଗାଁ, ଝିଞ୍ଜିରୀଗୁଡା, ବ୍ରାହ୍ମଣୀଗାଁ, ଗଦାପୁର, ହାତୀମୁଣ୍ଡା, ତାଜୁଙ୍ଗିଆ, ସରାମୁଳି ପଞ୍ଚାୟତ ରହିଛି ଏହି ସବୁ ପଞ୍ଚାୟତକୁ ପକ୍କା ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦିର ବିକାଶ ହୋଇପାରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ବ୍ରାହ୍ମଣୀଗାଁରେ ବ୍ଲକ ଗଠନ ଅଭିଯାନ କମିଟିର କାର୍ଯ୍ୟକାରୀ ସଭାପତି ବିକ୍ରମ ବସ୍ତ୍ରରାୟ କହିଛନ୍ତି ଯେ, ପୁଣି ଆମର ବୈଠକ ବସିବ, ଆମ କମିଟିର ସଭାପତି ଅମୀର ଚାନ୍ଦ ନାୟକଙ୍କ ନେତୃତ୍ୱରେ ପୁଣି ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରାଯିବାକୁ ଅଞ୍ଚଳବାସୀ ଦାବି କରିବୁ ବୋଲି କହିଛନ୍ତି।

# ଆଜି ନାଗରିକ ମଞ୍ଚର ବିକ୍ଷୋଭ

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)

## ଭଞ୍ଜନଗର ଏନଏସି ମ୍ୟୁନିସିପାଲଟିରୁ ବଞ୍ଚିତ

■ରାଜ୍ୟ ସରକାରଙ୍କ ଅବହେଳାରୁ ବାଦ୍ ପଡ଼ିଲା : ଭାଜପା

ରାଜ୍ୟ ସରକାର ଗଞ୍ଜାମ ଜିଲାର ଆସ୍କା ଏବଂ ଛତ୍ରପୁର ଏନଏସିକୁ ଶନିବାର ମ୍ୟୁନିସିପାଲଟି ଘୋଷଣା କରିଛନ୍ତି। କିନ୍ତୁ ଭଞ୍ଜନଗର ଏନଏସି ମ୍ୟୁନିସିପାଲଟି ଘୋଷଣାରୁ ବଞ୍ଚିତ ହୋଇଛି, ଯାହାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ବିରୋଧୀ ଦଳଗୁଡିକ ଏହାକୁ ଏକ ରାଜନୈତିକ ଇସ୍ୟୁ କରୁଥିବା ବେଳେ ବିଭିନ୍ନ ସଂଗଠନ ମଧ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ରବିବାର ସନ୍ଧ୍ୟାରେ ଭାଜପା ଘୁମୁସର ସାଂଗଠନିକ ଜିଲା ଉପ ସଭାପତି ଅଯୋଧ୍ୟା ନାଥ ମହାପାତ୍ର ଏକ ଖବରଦାତା ସମ୍ମିଳନୀ ଡାକି ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଭଞ୍ଜନଗର ଏନ୍ଏସି ମ୍ୟୁନିସିପାଲିଟି ହୋଇପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏଥିସହ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନଏସି ଘୋଷଣା କରିବା ପାଇଁ ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ନେତା ମାନସ ଜେନା, ସନ୍ତୋଷ ତିଆଡ଼ି, ସମୀର ନାୟକ, ରବୀନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୋମବାର ଘୁମୁସର ନାଗରିକ ମଞ୍ଚ ପକ୍ଷରୁ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅଞ୍ଚଳର ସମସ୍ତ ବର୍ଗର ଲୋକ ଯୋଗ ଦେବା ପାଇଁ କର୍ମକର୍ତ୍ତା ନଚିକେତା ପ୍ରଧାନ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏନ୍ଏସିରୁ ମ୍ୟୁନିସିପାଲଟି ଘୋଷଣା କରିବାକୁ ହେଲେ ଆବଶ୍ୟକ ନିର୍ଦ୍ଦିଷ୍ଟ ଜନସଂଖ୍ୟା। କିନ୍ତୁ ଭଞ୍ଜନଗର ଏନଏସିରେ ତା' ଠାରୁ କମ ଲୋକ ବସବାସ କରୁଛନ୍ତି। ଯଦି ତଳିଆ ଅଞ୍ଚଳଗୁଡ଼ିକୁ ସାମିଲ କରାଯାଇଥାନ୍ତା ତେବେ ମ୍ୟୁନିସିପାଲଟି ହୋଇପାରିଥାନ୍ତା। କିନ୍ତୁ ତାହା ସମ୍ଭବପର ହୋଇପାରିଲା ନାହିଁ। ଏନେଇ ପିସିସି ସମ୍ପାଦକ ତଥା ଭଞ୍ଜନଗର ଏନଏସିର ପୂର୍ବତନ କାଉନସିଲର ସନ୍ତୋଷ ଦିଗାଲ କହିଛନ୍ତି ଯେ ସରକାର ଭଞ୍ଜନଗର ଏନଏସିକୁ ମୁନିସିପାଲଟି ଘୋଷଣା କରିଥିଲେ ଭଲ ହୋଇଥାନ୍ତା। ଘୁମୁସର ବାହିନୀ କର୍ମକର୍ତ୍ତା ନଚିକେତା ପ୍ରଧାନ ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ନଚିକେତା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ସଦସ୍ୟବୃନ୍ଦ।

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଅଟୋ ଚୂରମାର, ୭ ଆହତ

ଦିଗପହଣ୍ଡି,୨୫।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ଢଉଗାଁ ୩୨୬ ନଂ. ଜାତୀୟ ରାଜପଥ ଚୁଡ଼ଙ୍ଗପୁର ଗ୍ରାମ ଅଲେଖ ମହିମା ମଠ ନିକଟରେ ଗୋଟାଏ ଅଟୋକୁ ପିକ୍ଅପ୍ ଭ୍ୟାନ ଧକ୍କା ଦେବାରୁ ୭ ଆହତ ହୋଇଛନ୍ତି। ଭ୍ୟାନ ଧକ୍କାରେ ଅଟୋଟି ଚୂରମାର ହୋଇଯାଇଛି। ସୂଚନା ପ୍ରକାରେ, ରବିବାର ମଧ୍ୟାହ୍ନରେ ଅଟୋ (ନଂ ଓଡି୦୭ଟି୭୪୨୭)ରେ ୭ରୁ ଉର୍ଦ୍ଧ୍ୱ ଯାତ୍ରୀ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରୁ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନ (ନଂ ଓଆର ୦୭କେ ୩୬୨୩) ଅଟୋକୁ ଧକ୍କା ଦେବାରୁ ଅଟୋଟି ରାସ୍ତା ପାର୍ଶ୍ୱ ବିଲ ଭିତରକୁ ଚାଲିଯାଇଥିଲା। ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### ବଡ଼ମାଧପୁରରେ ନୂତନ ଭତ୍ତା ବଣ୍ଟନ

ଛତ୍ରପୁର,୨୫।୨(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତରେ ରବିବାର କଲ୍ୟାଣ ମଣ୍ଡପଠାରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ବ୍ଲକ ଉପାଧକ୍ଷା ସାଡି ଶାରଦା ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୧୪୫୧ ନୂତନ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ବେଳେ ବଡମାଧପୁରରେ ୧୦୭ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ନୂତନ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଭତ୍ତା ଅର୍ଥ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ନାଏବ ସରପଞ୍ଚ ସରଞ୍ଜିତା ପରିଡା, ପୂର୍ବତନ ଜିଲାପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଡ୍ଡୀ, ଶିବ ଶଙ୍କର ସେଠୀ, ମହେଶ୍ୱର ପ୍ରଧାନ, ୱାର୍ଡ ମେମ୍ବର ଏସ. ସହଦେବ ରେଡ୍ଡୀ, କ୍ଷେତ୍ର ନାଇକ, କେ ବିଜୟ ରେଡ୍ଡୀ, ରାଜଲକ୍ଷ୍ମୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ବକ୍ସ କଲଭର୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୨୫।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଗୋଲାମୁଣ୍ଡୁଲା ଠାରେ ଖଲ୍ଲିକୋଟ-ବେଲଗୁଣ୍ଠା ରାସ୍ତାର ନୂତନ ବକ୍ସ କଲଭର୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ । ଏହି ଅବସରରେ ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶ୍ୱିନୀ ସ୍ୱାଇଁ, ଜିଲା ଉପସଭାପତି ଦିଲ୍ଲୀପ ପାଣିଗ୍ରାହୀ, କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ବିଜେଡି ଜିଲା ସମ୍ପାଦକ ଅଭିମନ୍ୟୁ ନାହାକ, ଜିଲା ପରିଷଦ ବଳରାମ ପ୍ରଧାନ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ପୃଷ୍ଟିବାବୁ, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସୁନାରିଝୋଲ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଜିଲା ପରିଷଦ ସଭ୍ୟା ତଥା ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷା ସଂଗୀତା ସ୍ୱାଇଁ, ନୀଳାଞ୍ଚଳ ମଣ୍ଡଳ, ବିପିନ ବିହାରୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ ।

### ଚିକିଟିରେ ଚକ୍ଷୁ ଚିକିତ୍ସା ଶିବିର

ଚିକିଟି,୨୫।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିପେଣ୍ଠ ସ୍ଥିତ କଳିଙ୍ଗ ବୈଶ୍ୟ ସମାଜର ଅନ୍ନପୂର୍ଣ୍ଣା ଭବନଠାରେ ଶନିବାର ସେବା ସଂସ୍ଥାନ ଚିକିଟି ଓ ବ୍ରହ୍ମପୁର ରୁବି ଚକ୍ଷୁ ଚିକିତ୍ସାଳୟ ଏବଂ ଲାସିକ୍ ସେଣ୍ଟରର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ ବିଶିଷ୍ଟ ଚକ୍ଷୁ ଡ଼ାକ୍ତର ବି ନାଗେଶ୍ୱର ରାଓ ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ।ଆୟୋଜିତ ଏହି ଶିବିରରେ ଚକ୍ଷୁ ଡାକ୍ତର ରିସବ ସେଠ୍, ଚକ୍ଷୁ ସହାୟକ ପ୍ରିତମ୍ କୁଣ୍ଡୁ, ପ୍ରଭାତ ପ୍ରଧାନ, ଭୀଷ୍ମ ବେହେରାଙ୍କ ସମେତ ବହୁ ଅଭିଜ୍ଞ ଚିକିତ୍ସକ ଓ ସହାୟକ ଯୋଗଦେଇ ୬୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ରକ୍ତଚାପ, ମଧୁମେହ ପରୀକ୍ଷା ସହ ଚକ୍ଷୁ ରୋଗ ସମ୍ବନ୍ଧିତ ଚିକିତ୍ସା ପରାମର୍ଶ ସହ ମାଗଣା ଔଷଧର ବ୍ୟବସ୍ଥା କରାଯାଇ ଆବଶ୍ୟକ ରୋଗୀଙ୍କୁ ଅସ୍ତ୍ରୋପଚାରର ବ୍ୟବସ୍ଥା କରାଯାଇଥିଲା।

# ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଆସିକା,୨୫।୨(ସୁରେନ୍ଦ୍ରନାଥ ସାହୁ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆସିକା ବ୍ଲକର ନିମିନାଠାରୁ ଧରାକୋଟ ବ୍ଲକର ଆଦିବାସୀ ଅଧ୍ୟୁସିତ ସାଲୁଆପଲ୍ଲୀ ଦେଇ ମଦନଗଣ୍ଡା ପର୍ଯ୍ୟନ୍ତ ଏକ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ରବିବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪କୋଟି ୩୨ଲକ୍ଷ ଟଙ୍କା ବ୍ୟୟବରାଦରେ ୫.୪୨୦ କିମି ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି। ପୂର୍ବରୁ ପାଦଚଲା ମାଟି ରାସ୍ତାରେ ଯାତାୟାତ କରୁଥିବା ଧରାକୋଟ ବ୍ଲକର ଖାରିପଲ୍ଲୀ, ସାଲୁଆପଲ୍ଲୀ, ସୁଣ୍ଢିପଲ୍ଲୀ, ଟାଙ୍ଗୁଡିପଲ୍ଲୀ, ପାଇକବଗଡ, ମଦନଗଣ୍ଡା ଆଦି ଆଦିବାସୀ ଗ୍ରାମର ଜନସାଧାରଣଙ୍କ ସହ ଆସିକା ଓ ଧରାକୋଟ ବ୍ଲକର ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଏହି ରାସ୍ତା ନିର୍ମାଣ ଫଳରେ ବିଶେଷ ସୁବିଧା ପାଇବେ । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ନନ୍ଦିନୀ ପାଢୀ, ସହକାରୀ ଯନ୍ତ୍ରୀ ତ୍ରିଭୂବନ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରୟାଗ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

ପୋଲସରା,୨୫।୨(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଲୁଣିଘାଟି ପଡ଼ିଆଠାରେ ପ୍ରୟାଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧକ୍ଷ ସଙ୍ଗୀତା ବେହେରା, ଉପାଧକ୍ଷ ସନ୍ତୋଷ କୁମାର ବେହେରା, କାଉନ୍ସିଲର ସୁକାନ୍ତି ସାହୁ, ଯଜ୍ଞ ନାରାୟଣ ସାହୁ, ସଚିନ୍ କୁମାର ମଲ୍ଲିକ, ସନ୍ତୋଷ କୁମାର ପାତ୍ର, ଅନୁଷ୍ଠାନର ଅଧକ୍ଷ ରାଜୀବ ଲୋଚନ ପଣ୍ଡା, ପ୍ରିନ୍ସିପାଲ ଯମୁନା ବିଶ୍ୱାଳ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ବାର୍ଷିକ ଉତ୍ସବରେ କୁନି କୁନି ଛାତ୍ରୀଛାତ୍ରମାନେ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ସମୟରେ ବନୋଜ ଷଡ଼ଙ୍ଗୀ, ସ୍ୱାତି ମହାପାତ୍ର, ଆଖପାଖ ଅଞ୍ଚଳରୁ ଅଭିଭାବକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଶେରଗଡ଼ ବ୍ଲକକୁ ମିଳିଲା ୧୭୦ ମୁଖ୍ୟମନ୍ତ୍ରୀ ପୁରସ୍କାର

ଶେରଗଡ, ୨୫।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକକୁ ମୋଟ୍ ୧୭୦ଟି ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ଛତ୍ରପୁରସ୍ଥିତ ଅନସ୍ଲୋ ସ୍କୁଲ ସମ୍ମୁଖସ୍ଥ ଖେଳପଡିଆରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆସିକା ବିଧାୟକ ମଞ୍ଜୁଳା ପ୍ରଧାନ, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ଉପସ୍ଥିତରେ ଏହି ପୁରସ୍କାର ବଣ୍ଟନ କରାଯାଇଥିଲା। ୧୬୨ ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୩ଟି ଉଚ୍ଚବିଦ୍ୟାଳୟ, ୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ବିଦ୍ୟାଳୟ କମିଟି, ଜଣେ ଶିକ୍ଷୟିତ୍ରୀ ଓ ଜଣେ ବିଦ୍ୟାଳୟ କମିଟି ସଭାପତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅଲାରିଗଡ, ପିତ୍ତଳ ବାଳକ ଉଚ୍ଚ ବିଦ୍ୟାଳୟ, କରଡାକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ଅଲାରିଗଡସ୍ଥିତ ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମାନପତ୍ର ସହ ଏହି ପୁରସ୍କାର ମିଳିଛି। ସେହିପରି ଭଲ ଶିକ୍ଷା କମିଟି ପରିଚାଳନା ନେଇ ଅଲାରିଗଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମୋ ସ୍କୁଲ ଯୋଜନାର ଭଲ ବିଦ୍ୟାଳୟ ସଭାପତି ଭାବେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ସଭାପତି ସୀମାଞ୍ଚଳ ପ୍ରଧାନ ଓ ଭଲ ଶିକ୍ଷୟତ୍ରୀ ଭାବେ ଡାକରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶସ୍ମିତା ସାବତଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ଶେରଗଡ଼ ବିଇଓ ଉପେନ୍ଦ୍ର କୁମାର ପାଢୀ, ଏବିଇଓ ଶୈରନ୍ଦ୍ରି ଦଳେଇ, ସିଆର୍ସିସି ରଘୁନାଥ ସାହୁ, ପ୍ରସନ୍ନ କୁମାର ସାବତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଝିଲିମିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କୃତ

ଧରାକୋଟ,୨୫।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

ଧରାକୋଟ ବ୍ଲକ ସାବା କ୍ଲଷ୍ଟରର ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଟି. ତ୍ରିପତି ପାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି । ଗତ ଶନିବାର ଛତ୍ରପୁର ଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଜିଲାର ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷକ ପାତ୍ରଙ୍କୁ ବ୍ଲକସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମାଚରଣ ପାଣିଗ୍ରାହୀ, ସିଆରସିସି କୃଷ୍ଣ ନାୟକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ ସାହୁଙ୍କ ମାର୍ଗଦର୍ଶନ ସହ ସାବା କ୍ଲଷ୍ଟରର ସମସ୍ତ ଶିକ୍ଷକ ମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ୧ରୁ ମା' ରାମଚଣ୍ଡୀ ମହୋତ୍ସବ

ଛତ୍ରପୁର,୨୫।୨ (ସନ୍ତୋଷ ପାଢ଼ୀ)



ଖବରଦାତା ସମ୍ମିଳନୀରେ ଆଲୋଚନା ଚାଲିଛି।

ଛତ୍ରପୁର ଉପକଣ୍ଠ ନୀଳାଦ୍ରିପୁର ନିକଟ ରାମଚଣ୍ଡୀ ପୀଠରେ ମା' ରାମଚଣ୍ଡୀ ମହୋତ୍ସବ ଆସନ୍ତା ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମା' ରାମଚଣ୍ଡୀ ଟ୍ରଷ୍ଟ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମା'ଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବକୁ ମା' ରାମଚଣ୍ଡୀ ମହୋତ୍ସବ ୨୦୨୪ ରୂପେ ପାଳନ କରିବାକୁ ଏହି ନିଷ୍ପତି ହୋଇଛି। ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ଅଧକ୍ଷତାରେ ଓ ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ମନ୍ଦିର ରୀତିନୀତିରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ। ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଳାକାର ତାରିକ ଅଜିଜ, ଶୀତଲ, କବି ଓ ଗଣେଶ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବେ। ବରିଷ୍ଠ ନାଗରିକଙ୍କ ସୁବିଧା ଲାଗି ପାହାଡ ଉପରକୁ ଯିବା ପାଇଁ ବସ୍‌ର ସୁବିଧା କରାଯିବ। ୫-ଟି ଉପକ୍ରମରରେ ମନ୍ଦିର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୨ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ କମିଟିପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ବସନ୍ତ ମହାରଣା, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କମଳ ପଣ୍ଡା, ଉପସଭାପତି କ୍ଷୀରୋଦ ସାହୁ ଓ ସନ୍ତୋଷ ପାଢ଼ୀ, ପ୍ରମୋଦ ସାହୁ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ଶତ୍ରୁଘ୍ନ ମହାକ୍ଳୁଡ, କାମାକ୍ଷା ପ୍ରାସାଦ ପଣ୍ଡା, ତୁଷାର ଶତପଥି, ତିରୁପତି ବାଲାଜୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବର ଚାର୍ଟର ଡେ' ପାଳିତ




ମଞ୍ଚାସୀନ ଅତିଥି।

କବିସୂର୍ଯ୍ୟନଗର, ୨୫।୨ (କୃପାସିନ୍ଧୁ ସ୍ୱାଇଁ)

ଲାୟନ୍ସକ୍ଲବ ପକ୍ଷରୁ ସ୍ଥାନୀୟ କନକ ମଞ୍ଜରୀ ପାଠାଗାର ସଭାଗୃହରେ ସଭାପତି ସୁନିତା ମିଶ୍ରଙ୍କ ଅଧକ୍ଷତାରେ ଚାର୍ଟର ଡେ' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଗଭର୍ଣ୍ଣର ଇଂ. ଦିଲ୍ଲୀପ କୁମାର ଦାସ, ଫାଷ୍ଟ ଲେଡି ଲାୟନ ଡ. ସଂଯୁକ୍ତା ପଣ୍ଡା, ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର -୧ ସରସ୍ୱତୀ ପାତ୍ର, ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର-୨ ଡ଼. ହେମନ୍ତ ଖୁଣ୍ଟିଆ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ଗଭର୍ଣ୍ଣର ହରିହର ଦାସ, ରିଜନ ଚେୟାରମ୍ୟାନ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ ପ୍ରମୁଖ ମଂଚାସୀନ ଥିଲେ। ଶିକ୍ଷାବିତ କୈଳାସ ନାଥ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ତଥା ହୋମିଓ ବିଶାରଦ ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ସମାଜସେବୀ ତଥା ଏନଏସି ଚେୟାରମ୍ୟାନ ବିପିନ ବିହାରୀ ସ୍ୱାଇଁ, କଳାଶ୍ରୀ ତଥା ନାଟ୍ୟକାର ବିଶାରଦ ନବଘନ ପରିଡ଼ା, ଡେଣ୍ଟାଲ ପ୍ରୋସେସର ଡା. କଂଗ୍ରେସ ପ୍ରଧାନ ସେବା କ୍ଷେତ୍ରରେ ସମାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁକୁମାର ମାଝୀ, ଡା. ଅକ୍ଷୟ ମିଶ୍ର, ଡା. ଭାଗିରଥି ଶତପଥୀ, ଡା. ରାଜେନ୍ଦ୍ର ପ୍ରସାଦ ମାଝୀ, କୃପାସିନ୍ଧୁ ସ୍ୱାଇଁ, ବିବେକାନନ୍ଦ ସାହୁ, ଦୀପକ କୁମାର ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ନୂନ ସଦସ୍ୟତା ଗ୍ରହଣ କରିଥିଲେ ସମାଜସେବୀ ରାମପ୍ରସାଦ ମହାରଣା ଓ ବ୍ୟବସାୟୀ ଭଗବାନ ସ୍ୱାଇଁ। ୩୦ଜଣ ମହିଳାଙ୍କୁ ପୁଷ୍ଟିସାଧନ ଖାଦ୍ୟ ଓ କମଳ ପ୍ରଦାନ କରିଥିଲେ ଅତିଥି। ଲାୟନ କ୍ଲବ ସମ୍ପାଦିକା ସୁପ୍ରଭା ଶତପଥୀ, କୋଷାଦକ୍ଷ ମୁକ୍ତିସୁଧା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷାରେ ମୁଗ ଫସଲ ଉଜୁଡ଼ିଲା

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)

ଭଞ୍ଜନଗରରେ ଅଦିନିଆ ବର୍ଷାରେ ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ମୁଗ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଭାଲିଆଖାଇ, ଡେଙ୍ଗାପଦର, ଗାମୁଣ୍ଡି, ନେଟେଙ୍ଗା ଅଞ୍ଚଳରେ ବିଲରେ ପାଣି ଭରି ରହିଛି। ମୁଗ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ କଥା ସରକାର ବିଚାର କରନ୍ତୁ ବୋଲି ଚାଷୀ ଶୁଭେଗା ପ୍ରଧାନ ଏବଂ ନବୀନ ସ୍ୱାଇଁ ନିବେଦନ କରିଛନ୍ତି।

# ଭଗବାନପୁରରେ ଭାଜପାର ମିଶ୍ରଣ ପର୍ବ

ବୁଗୁଡା,୨୫।୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କରଚୁଲି ମଣ୍ଡଳ ଭାଜପାର ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଭଗବାନପୁର ହନୁମାନ ମନ୍ଦିରଠାରେ ଭାଜପାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ସଂଗଠନକୁ ସୁଦୃଢ଼ କରିବା ପାଇଁ ନେତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ଭଗବାନପୁର ପଞ୍ଚାୟତର ସୁଦର୍ଶନ ନାୟକ, ସନ୍ତୋଷ କୁମାର ଗୌଡ଼, ବିନାୟକ ଆଲଟିଆ, ବିପ୍ର ମୂଳି, ସୁଦାମ ସାହୁ, ଦେଉଳିଆ ଗୌଡ଼, ପ୍ରଦୀପ କୁମାର ସାହୁ, ନରୋତ୍ତମ ସେଠୀ, ବିଜୟ ରଣା, କାହ୍ନୁଚରଣ ଆଲଟିଆ, କାର୍ତ୍ତିକ ସାହୁ, ବଂଶୀଧର ଆଲଟିଆ, ଆଡ଼ି ସମ୍ପ୍ରଦାୟର ୧୨ ପରିବାର ଓ ସେମାନଙ୍କ ସମର୍ଥକ ଭାଜପାରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୌର ପ୍ରଧାନ, ହରପ୍ରସାଦ ଦାସ, ହରିକୃଷ୍ଣ ସାହୁ ଓ ମଣ୍ଡଳ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଟା ଟି' କମ୍ପାନୀ ଏମ୍ପ୍ଲୟର୍ସ ୟୁନିୟନର ବୈଠକ



ବୈଠକରେ ଆଲୋଚନା ଚାଲିଛି।

ଛତ୍ରପୁର, ୨୫।୨ (ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଜଗନ୍ନାଥପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଟାଟା ଟି' କମ୍ପାନୀରେ କାର୍ଯ୍ୟରତ ଏପିପିଏଲ ଏମ୍ପ୍ଲୟର୍ସ ୟୁନିଅନର ଏକ ବୈଠକ ସଭାପତି ପ୍ରଶାନ୍ତ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଏମ୍ଏସ୍‌ର ଗଞ୍ଜାମ ଜିଲା ସଭାପତି ଭବାନୀ ଶଙ୍କର ଦାଶ ବିଏମ୍ଏସ୍‌ର ସମ୍ପାଦକ ଅର୍ଜୁନ ବେହେରା, ୟୁନିଅନର କର୍ଯ୍ୟକାରୀ ସଭାପତି ଦିଗାମ୍ବର ମହାକୁଡ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ସମ୍ପାଦକ ରାମାରାଓ ରେଡ୍ଡୀଙ୍କ ସହ ୟୁନିଅନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରମିକମାନଙ୍କ ଉନ୍ନତି ସହ କମ୍ପାନୀର ଉନ୍ନତି କଥା ଆଲୋଚନା ହୋଇଥିଲା ଏବଂ ଶ୍ରମିକମାନଙ୍କ ଦାବି ପୂରଣ ନହେଲେ ଆସନ୍ତା ୧ ତାରିଖ ଦିନ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଥିଲା।

# ଜୀବିକା ସହାୟତା, ଜମିପଟ୍ଟା ବଣ୍ଟନ

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)



ମନ୍ତ୍ରୀ ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ଭଞ୍ଜନଗର ବ୍ଲକ ଡୁମାକୁମ୍ପା, ବାହାଡାପଦର, ବଡ଼କୋଦଣ୍ଡା ଏବଂ ଭଞ୍ଜନଗର ଠାକୁରାଣୀ ମନ୍ଦିର ପରିସରରେ ରବିବାର ରାସନ କାର୍ଡ ହିତାଧକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ ସହ ଝୋଟ ବ୍ୟାଗ ବଣ୍ଟନ କରାଯାଇଛି। ଏଥିସହ ସାନକୋଦଣ୍ଡା, ବଡ଼କୋଦଣ୍ଡା, ବାଉଁଶଲୁଣ୍ଡି ପଞ୍ଚାୟତରେ ଗ୍ରାମକଣ୍ଠ ପଟ୍ଟା ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ଆରୁଖ କହିଥିଲେ, ଦିନ ଥିଲା ଲୋକେ ଗ୍ରାମ କଣ୍ଠ ପଟ୍ଟା ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। କିନ୍ତୁ ଉକ୍ତ ହିତାଧିକାରୀମାନଙ୍କୁ ଆଜି ଜମି ପଟ୍ଟା ପ୍ରଦାନ କରାଯାଉଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ନବୀନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହେବ। ରାଜ୍ୟର ୯୦ ପ୍ରତିଶତ ଲୋକେ ଏହି ଯୋଜନାର ସୁଫଳ ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଆୟୋଜିତ ସଭାରେ ଭଞ୍ଜନଗର ତହସିଲଦାର ଉମା ଶଙ୍କର ବେହେରା ଯୋଗଦେଇ କହିଥିଲେ ଏହି ଯୋଜନାରେ ଆହୁରି ଅନେକ ଲୋକେ ପଟ୍ଟା ପାଇବେ। କିନ୍ତୁ ଆବେଦନ ତାରିଖ ସରିଯାଇଥିବା ଯୋଗୁଁ ନୂତନ ହିତାଧିକାରୀ ପଟ୍ଟା ପାଇପାରୁନାହାନ୍ତି। ଆବେଦନ ସୁଯୋଗ ପୁଣି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ଚିଠି ଲେଖାଯାଇଛି। ଆଗାମୀ ଦିନରେ ତାହା ହେବ ବୋଲି ଆଶା କରାଯାଉଛି। ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧକ୍ଷ ନରିସଭା ନାୟକ, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଭବାନୀ ପ୍ରଧାନ, ପୂର୍ବତନ ଏନଏସି ଅଧକ୍ଷ ସୁଧୀର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ସଭ୍ୟା ଶୈଳବାଳା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

